ଏହି ପ୍ରଶ୍ନପତ୍ରରେ ମୋଟ **13** ଟି ପ୍ରଶ୍ନ ଅଛି ଏବଂ **5** ଟି ମୁଦ୍ରିତ ପୃଷ୍ଠା ଅଛି ।

**Roll No.**
ରୋଲ୍ ନମ୍ବର. | | | | | | | | | | | | |

**Code No.** **62/SS/N/OR**
କୋଡ୍ ନମ୍ବର.

# ODIA
# ଓଡ଼ିଆ
# (305)

**Set** **A**

**Day and Date of Examination :** ______________________
ପରୀକ୍ଷା ଦିନ ଓ ତାରିଖ

**Signature of Invigilators :** **1.** ______________________
ନିରୀକ୍ଷକଙ୍କ ସ୍ୱାକ୍ଷର

**2.** ______________________

ନିର୍ଦ୍ଦେଶାବଳୀ :

**1.** ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର (Roll Number) ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।

**2.** ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କି ନାହିଁ ଦେଖି ନିଅନ୍ତୁ ।

**3.** ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ ।

**4.** ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ ।

**5.** ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।

**6.** ପ୍ରଶ୍ନପତ୍ରର କୋଡ୍ ନମ୍ବର **62/SS/N/OR** ଓ **Set-A** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।

# ODIA
# ଓଡ଼ିଆ
# (305)

ସମୟ : **3** ଘଣ୍ଟା | ଅଧିକତମ ମୂଲ୍ୟାଙ୍କ : **100**

**ନିର୍ଦ୍ଦେଶ :** (i) ପ୍ରତି ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ) ସୂଚିତ ହେଉଛି ।

**1.** (କ) ନିମ୍ନଲିଖିତ ଯେକୌଣସି ଚାରୋଟି ଶବ୍ଦର ବିପରୀତ ଶବ୍ଦ ଲେଖ । **1x4=4**

ଅବାସ୍ତବ, ପ୍ରଦାନ, ଶିଷ୍ଟ, କିଣା, ବଡ଼, ସୂକ୍ଷ୍ମ

(ଖ) ନିମ୍ନଲିଖିତ ଚାରୋଟି ରୂଢ଼ିର ଅର୍ଥ ଲେଖ । **1x4=4**

ଡେଙ୍ଗା ମୁଣ୍ଡରେ ଠେଙ୍ଗା, ଛେନାରୁ ଚୋପା ଛଡ଼ାଇବା, ଅହିନକୁଳ ସମ୍ପର୍କ, ଅକଲ ସଲାମି, ଆଖିରେ ଧୂଳି ଦେବା, ଅନ୍ଧର ଲଉଡ଼ି, ଅରଣ୍ୟ ରୋଦନ

(ଗ) ଯେକୌଣସି ଚାରୋଟିର ଶଦ୍ଧ ରୂପ ଲେଖ । **1x4=4**

ଉତ୍କର୍ଷତା, ପୂଜ୍ୟାସ୍ପଦ, ସାହାର୍ଯ୍ୟ, ଜେଷ୍ଠ, ଅଧକ୍ଷ, ପ୍ରତିଯୋଗୀତା, ଦିବାରାତ୍ରି

(ଘ) ଯେକୌଣସି ୪ଟି ବିଶେଷ୍ୟ ପଦର ବିଶେଷଣ ପଦ ଲେଖ । **1x4=4**

ପ୍ରଚଳନ, ନିମନ୍ତ୍ରଣ, ପ୍ରସଙ୍ଗ, ସମ୍ମାନ, ଅଧିଷ୍ଠାନ ବିପ୍ଳବ

**2.** ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେକୌଣସି ତିନୋଟିର ଶୂନ୍ୟସ୍ଥାନ ପୂରଣ କର । **1x3=3**

(କ) ରାୟ ବାହାଦୂରଙ୍କ ପୁତ୍ରବଧୂ __________ ଏମିତି ଦିନେ କାନ୍ଦିଥିଲା ।

(ରତ୍ନପୂର୍ଣ୍ଣା, ଅପର୍ଣ୍ଣା, ସୁପର୍ଣ୍ଣା)

(ଖ) ପ୍ରତ୍ୟେକ ଜନ୍ତୁଙ୍କ ଖୋଳପା ଭିତରେ __________ ରହିଛି ।

(ମାଂସପେଶୀ, ରକ୍ତ, ହାଡ଼, ଇଞ୍ଜିନ୍)

(ଗ) ଘାଇରେ କାମ କରୁଥିବା କୁଲିଙ୍କର __________ ହେଉଥିଲା ।

(ତ୍ରିନାଥ ମେଳା, ଶୁଭ ଅନୁକୂଳ, ଭୂମିପୂଜା, ବଣଭୋଜୀ)

(ଘ) କାର୍‌ରେ __________ ଭୁଲାଇଲେ ।

(ଅଧକ୍ଷ, ଲେଖକ, ସହକର୍ମୀ, ଅଧ୍ୟାପକ, ଡ୍ରାଇଭର)

(ଙ) __________ ରାଜନୀତି ବିଜ୍ଞାନର ପ୍ରଖ୍ୟାତ ଅଧ୍ୟାପକ ଥିଲେ ।

(ଚର୍ଚ୍ଚିଲ୍, ହାରଲର୍ଡ଼ଲାସ୍କି, ଡଲ୍‌ଟନ୍, ଅଟଲି)

3. ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେକୌଣସି ତିନୋଟିର ଶୂନ୍ୟସ୍ଥାନ ପୂରଣ କର । **1x3=3**

(କ) __________ ଗାଈ ଧରି ଘରକୁ ସଂଧ୍ୟା ବେଳେ ଫେରେ ।
(ଗାଈଆଳ, ଶ୍ରମିକ, କୃଷକ)

(ଖ) __________ ରେ ମାଉଁସ ଲାଗିଲେ ଶୁଭ ନୁହେଁ ।
(ଗୋଦର ଗୋଡ଼, ମୁଣ୍ଡ, ହାତ)

(ଗ) ଅଭିଷେକ ପୂର୍ବରୁ ଯୁଧିଷ୍ଠିର __________ ଙ୍କ ପାଖକୁ କୃଷ୍ଣ ସହିତ ଯାଉଥିଲେ ।
(ଦ୍ରୋଣ, କୁନ୍ତୀ, ଧୃତରାଷ୍ଟ୍ର, ଭୀଷ୍ମ)

(ଘ) ଗ୍ରାମ କଡ଼େ କଡ଼େ __________ ଥାଏ ।
(କ୍ଷେତ, ନଈ, ପର୍ବତ)

(ଙ) __________ ର ମଧୁର ଓ ଲଳିତ ସ୍ୱର ।
(କୋଇଲି, କୁଆ, ଶୁଆ)

4. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଯେକୌଣସି ତିନୋଟିର ଶୂନ୍ୟସ୍ଥାନ ପୂରଣ କର । **1x3=3**

(କ) ପ୍ରବୀର ସିନେମା ପାଇଁ ଗୀତ ଗାଏ ଓ ପ୍ରତି ଗୀତକୁ __________ ଟଙ୍କା ନିଏ ।
(ଏକ ହଜାର, ଦୁଇ ହଜାର, ତିନି ହଜାର, ପାଞ୍ଚ ହଜାର)

(ଖ) ମୁଁ ଫମ୍ପା ଆରଷ୍ଟୋକାସିକୁ ପସନ୍ଦ କରେନି ବୋଲି ବେବୀକୁ __________ କହିଛି ।
(ନେଲି ଅପା, ଜେମା, ଅଙ୍କଲ୍, ନବଘନ)

(ଗ) __________ ର ମନଟା ତଟୁ ଘୋଡ଼ା ।
(ପ୍ରଭାକର, ନଟବର, ଶକୁନ୍ତଳା, ନରହରି)

(ଘ) __________ ମାନେ ଏକା ଲାଉର ମଂଜି ।
(ପ୍ରମୋସନ୍ ପାଇଥିବା କିରାଣୀ, ଅଫିସର, ଯୁବଗୋଷ୍ଠୀ)

(ଙ) __________ ମାଡ୍ରାସୀ ହୋଟୋଲ୍‌ରୁ ଦୋସା ମଗାଇ ଜଳଖିଆ ବ୍ୟବସ୍ଥା କରିଥିଲେ ।
(ବେବୀ, ନବଘନ, ହେମା)

5. ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ । **2x4=8**

(କ) ନାରସେନା ମନଦୁଃଖରେ ଘରୁ ଆସି କ'ଣ କଲା ?

(ଖ) ରାୟ ବାହାଦୂର ଡ୍ରୟାର ଭିତରୁ କ'ଣ କାଢ଼ିଲେ ?

(ଗ) ଇଂଲଣ୍ଡରେ ଭୋଟ କାଗଜରେ ଦଳୀୟ ଚିହ୍ନ ନଥାଏ କାହିଁକି ?

(ଘ) କେଉଁଟି ମାନବ ସଭ୍ୟତାର ଶାଶ୍ୱତ ଗୁଣ ?

(ଙ) ବୁର୍ଖାପିନ୍ଧା ମହିଳା ଦେଖାଯିବା ପରେ ସେଠାରେ କ'ଣ ହେଲା ?

(ଚ) ସହରରେ ଭୂତ ଥିବାର ପ୍ରମାଣ ଅଧକ୍ଷ କେମିତି ଦେଲେ ?

(ଛ) ଅଚଳନ୍ତିକୁ ଚଳନ୍ତି କରିବାକୁ ହେଲେ କ'ଣ କରିବାକୁ ପଡ଼େ ?

6. ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଦିଅ । 2x4=8

(କ) ଗ୍ରାମବଧୂ କିପରି ସ୍ନାନ କରି ଫେରେ ?

(ଖ) ଗାଁ ଭୁଆସୁଣୀମାନେ କିପରି ସ୍ନାନ କରନ୍ତି ?

(ଗ) କିଏ, କେଉଁଠାରେ ଗୋପନରେ ଫୁଟିଛି ଏବଂ କାହାର ବାସ୍ନା ପବନରେ ଭାସି ଆସୁଛି ?

(ଘ) ସଂଧ୍ୟା କାଳରେ କିଏ କ'ଣ କରନ୍ତି ?

(ଙ) ସୂର୍ଯ୍ୟଦେବଙ୍କୁ କିପରି ନୈବେଦ୍ୟ ଦିଆଯାଉଛି ବୋଲି କବି ଉଲ୍ଲେଖ କରିଛନ୍ତି ?

(ଚ) ଉତ୍କଳ ସନ୍ତାନ କବିତାରେ କବି କାହାକୁ କାହିଁକି ଉଦ୍‌ବୋଧନ ଦେଇଛନ୍ତି ?

(ଛ) ଯୁଦ୍ଧିଷ୍ଠିରଙ୍କୁ ଭୀଷ୍ମ କ'ଣ କରିବାକୁ କହିଲେ ?

7. ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ । 2x4=8

(କ) ଯୁବକମାନଙ୍କ ନିକଟରେ ଶକ୍ତି ଅଛି କ'ଣ କରିବା ପାଇଁ ?

(ଖ) ଗାଁରେ ତିଷ୍ଠି ରହିବାକୁ ହେଲେ କ'ଣ କରିବାକୁ ପଡ଼ିବ ?

(ଗ) ମିସେସ୍ ସିହ୍ନା ତାଙ୍କ ପୁଅ ଜନ୍ମ ଦିନରେ କ'ଣ କରିଥିଲେ ?

(ଘ) ଆଜିକାଲି କେଉଁମାନଙ୍କ ଯୋଗୁଁ ସମସ୍ତେ ବାଧ୍ୟ ହୋଇ ନିଜ ନିଜର ସଂବର୍ଦ୍ଧନା ଯୋଗାଡ଼ କରୁଛନ୍ତି ?

(ଙ) ଡ୍ରାଇଭର ଆସିଲେ ପ୍ରଥମେ କ'ଣ କରିବାକୁ ହେମାଙ୍ଗିନୀ ଜେମାକୁ ନିର୍ଦ୍ଦେଶ ଦେଲେ ?

(ଚ) ପ୍ରବୀର ଭାଇ ବିଷୟରେ ବେବୀର ମନ୍ତବ୍ୟ କ'ଣ ଥିଲା ?

(ଛ) ଏଗୁଡ଼ାକ ମଣିଷ ହେବେନି । କିଏ, କାହାକୁ କେଉଁ ପ୍ରସଙ୍ଗରେ କହିଛି ?

8. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । 8

(କ) ସାମାଜିକ ପରିପ୍ରେକ୍ଷୀରେ ଭୀଷ୍ମଙ୍କ ଉପଦେଶର ଉପାଦେୟତା ବର୍ଣ୍ଣନା କର ।

(ଖ) 'ଉତ୍କଳ ସନ୍ତାନ' କବିତା ଲେଖିବାର କବିଙ୍କର କି ଅଭିପ୍ରାୟ ଥିଲା ?

(ଗ) 'ଗ୍ରାମପଥ' କବିତାରୁ ଗ୍ରାମ୍ୟଚିତ୍ର ବର୍ଣ୍ଣନା କର ।

9. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । 1x8=8

(କ) ଇଂଲଣ୍ଡର ଅର୍ଥନୀତି ସ୍କୁଲରେ ଗବେଷଣା କରିବା ସମୟରେ ଲେଖକଙ୍କ ଅନୁଭୂତି ସମ୍ପର୍କରେ ଆଲୋଚନା କର ।

(ଖ) ପାରିବାରିକ କାହାଣୀ ହେଲେ ବି ଭାରତର ସ୍ୱାଧୀନତା ସଂଗ୍ରାମ ପୃଷ୍ଠଭୂମିରେ 'ପତାକା ଉତ୍ତୋଳନ' ଗଳ୍ପଟି କିପରି ଗଢ଼ି ଉଠିଛି ବର୍ଣ୍ଣନା କର ।

(ଗ) 'ଜଡିର ଧକ୍‌କା' ଗଳ୍ପଟିରୁ ଏକ ମାତୃ ହୃଦୟର କାହାଣୀ ପ୍ରତିପାଦନ କର ।

**10.** ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । **1x8=8**

(କ) ଗାଁ ଅପେକ୍ଷା ସହର ଭଲ, ଅଧିକ ନିରାପଦ - ଉକ୍ତିଟିର ଯଥାର୍ଥତା ପଠିତ ଏକାଙ୍କିକା ଅବଲମ୍ବନରେ ଆଲୋଚନା କର ।

(ଖ) ହେମାଙ୍ଗିନୀ ଓ ନବଘନ ଚରିତ୍ର ମଧ୍ୟରେ ଥିବା ବିଚାରଧାରାଗତ ପାର୍ଥକ୍ୟ ଦର୍ଶାଇ ଦୁହିଁଙ୍କ ମଧ୍ୟରେ ମତପାର୍ଥକ୍ୟ କିପରି ଅବସାନ ହେଲା ଆଲୋଚନା କର ।

(ଗ) ଜଣେ ଅବସରପ୍ରାପ୍ତ ବ୍ୟକ୍ତିର ଅସହାୟତା ଓ ଜୀବନର ବିଫଳତା ପଠିତ ଏକାଙ୍କିକାଟିରେ ପ୍ରତିଫଳିତ - ଆଲୋଚନା କର ।

**11.** ପ୍ରଦତ୍ତ ଅନୁଚ୍ଛେଦଟି ପଢ଼ି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । **2x5+1=11**

ଆଳସ୍ୟ ହେଉଛି ଶରୀର ଓ ମନ ଉଭୟର ଧ୍ୱଂସର କାରଣ । ଅନ୍ୟର ଅନିଷ୍ଟ କରିବା ପାଇଁ ଲୋକ ମନରେ ଯେଉଁ ଭାବନା ଜାଗ୍ରତ ହୁଏ, ତାହା ସ୍ଥଳରେ ଅଛି ଆଳସ୍ୟ । ଅଳସୁଆ ମନ ସତେ ଯେପରି ଗୋଟିଏ କଅଁଳ ଗଦି । ସଇତାନ ତାହା ଉପରେ ଆସି ସୁନ୍ଦର ଭାବରେ ଶୋଇଯାଏ । ମନକୁ ଭାରାକ୍ରାନ୍ତ କରିବା ସଙ୍ଗେ ସଙ୍ଗେ ଶରୀରକୁ କେହି ଯଦି ରୋଗଗ୍ରସ୍ତ କରିଦେଉଛି, ତାହା ହେଉଛି ମନୁଷ୍ୟର ଏହି ଦୋଷ । ଏକଥା ଭୁଲିଗଲେ ଚଳିବ ନାହିଁ ଯେ, ମନର ଧର୍ମ ହେଲା ସେ କିଛି ନା କିଛି କରିବାକୁ ଧାଇଁବ । ଯଦି ସତ୍ କାମରେ ତାକୁ ଲଗାଇ ନ ପାରିଲ ଅସତ୍ ଚିନ୍ତାରେ ସେ ତତ୍ପର ହୋଇ ଉଠିବ ।

(କ) କେଉଁଟି ଶରୀର ଧ୍ୱଂସର କାରଣ ?

(ଖ) ଆଳସ୍ୟ ମଣିଷ ଉପରେ କିପରି କୁପ୍ରଭାବ ପକାଏ ?

(ଗ) ଅଳସୁଆ ମନ କାହା ପରି ?

(ଘ) ସଇତାନ କାହା ଉପରେ ଶୟନ କରେ ?

(ଙ) ମନର ଧର୍ମ କ'ଣ ?

**12.** ଯେକୌଣସି ଗୋଟିକର ପ୍ରବନ୍ଧ ଲେଖ । **8**

(କ) ଭ୍ରମଣର ଉପାଦେୟତା

(ଖ) କମ୍ପ୍ୟୁଟର

(ଗ) ବିଦ୍ୟାଳୟ ପତ୍ରିକା ଓ ତାହାର ଉପକାରିତା

(ଘ) ଛାତ୍ର ଓ ସମାଜସେବା

**13.** ତୁମ ଗ୍ରାମରେ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଆବେଦନ ପତ୍ର ଲେଖ । **8**

**(କିମ୍ବା)**

କୌଣସି ରାସ୍ତା ଅବରୋଧ ସମ୍ପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

**- o 0 o -**